Samaya



ସାହିତ୍ୟ ଏକାଡେମୀର ସଭାପତି ମାଧବ କୌଶିକ୍ ୨୪ଟି ଭାଷାର ସାରସ୍ୱତ ସାଧକମାନଙ୍କୁ ସାହିତ୍ୟ ଏକାଡେମୀ ଆୱାର୍ଡ-୨୦୨୨ରେ ସମ୍ମାନୀତ କରିଥିଲେ ।
ଏହି ଅବସରରେ ଓଡ଼ିଆ ଭାଷା ବର୍ଗରେ ବିଶିଷ୍ଟ ସାହିତ୍ୟିକା ଗାୟତ୍ରୀବାଳା ପଣ୍ଡାଙ୍କୁ ସେ ସମ୍ମାନୀତ କରିଛନ୍ତି ।

Pragativadi

# ଗାୟତ୍ରୀବାଳାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

■ ନୂଆଦିଲ୍ଲୀ,ତା୧୨।୩(ପିଏନଏସ)
କବିତା ସଂକଳନ 'ଦୟାନଦୀ' ପାଇଁ କବି ଡକ୍ଟର ଗାୟତ୍ରୀବାଳା ପଣ୍ଡାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି । ଏକ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡେମୀର ନବନିର୍ବାଚିତ ସଭାପତି ମାଧବ କୌଶିକ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ପୁରସ୍କାର ସ୍ୱରୂପ ତାମ୍ର ଫଳକ ଓ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ପୂର୍ବରୁ ଡକ୍ଟର ପଣ୍ଡା କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଥିଲେ ।

ଉଲ୍ଲେଖଥାଉକି, କେନ୍ଦ୍ର ସାହିତ୍ୟ ଏକାଡେମୀର ଦୁଇଟି ବର୍ଗରେ ପୁରସ୍କାର ପାଇବାରେ ଗାୟତ୍ରୀବାଳା ପ୍ରଥମ ଭାରତୀୟ କବି । ତାହା ହେଉଛି ଯୁବ ଓ ମୁଖ୍ୟ ବର୍ଗ । କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ୬ ଦିନିଆ ସାହିତ୍ୟ ଉତ୍ସବ



ଆରମ୍ଭ ହୋଇଥିବା ବେଳେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ସମାରୋହରେ ଏକାଡେମୀ ସଚିବ କେ.ଶ୍ରୀନିବାସ ରାଓ ଏବଂ ଉପସଭାପତି ବିଶିଷ୍ଟ ସାହିତ୍ୟିକା କୁମୁଦ ଶର୍ମା ଉପସ୍ଥିତ ରହିଥିଲେ ।

'ଦୟାନଦୀ' କବିତା ସଂକଳନ ସଂପର୍କରେ ଡକ୍ଟର ପଣ୍ଡା କହିଛନ୍ତି ଯେ ଏହା କୌଣସି ତାତ୍ତ୍ୱିକ ଆଲୋଚନା କିମ୍ବା କାବ୍ୟ ରୂପ ନୁହେଁ । ଏହା କଳିଙ୍ଗ ଯୁଦ୍ଧର ଏକମାତ୍ର ସାକ୍ଷୀ ଦୟାନଦୀରେ ନୌଯାତ୍ରାର

## • ଯୁବ ଓ ମୁଖ୍ୟ ବର୍ଗରେ ପୁରସ୍କାର ପାଇବାରେ ପ୍ରଥମ ଭାରତୀୟ କବି

କାବ୍ୟିକ ସମ୍ବେଦନା । ଏବେ ବି ଦୟାନଦୀ ରହିଛି ଏବଂ ଶାନ୍ତି, ପ୍ରୀତି ଓ ମୈତ୍ରୀର ଜୟଗାନ କରୁଛି । ଉଲ୍ଲେଖଥାଉକି, ଦୟାନଦୀ ସଂକଳନଟି ପକ୍ଷୀଘର ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶନ ହୋଇଛି । ଡକ୍ଟର ପଣ୍ଡାଙ୍କର ଅଦ୍ୟାବଧି ୨୮ ଟି ପୁସ୍ତକ ପ୍ରକାଶ ପାଇଛି । ୧୭ଟି କବିତା ସଂକଳନ, ୨ଟି ଗଳ୍ପ ସଂକଳନ, ୨ଟି ଉପନ୍ୟାସ ଓ ଗୋଟିଏ ପ୍ରବନ୍ଧ ରହିଛି ।